**OFFICE OF THE COLLECTOR & DISTRICT MAGISTRATE, PURI**

**ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ , ପୁରୀ**

Tel: 06752- 222033 (R) 222034 (O) Fax No. : 223939

website: www.puri.nic.in E-Mail: dm.puri@nic.in


## କୋଟେସନ ଆହ୍ୱାନ ନୋଟିସ୍ (Invite Quotation Call Notice )

**ସଂଖ୍ୟା :- ୨୭୧୦ ତାରିଖ:-୧୪.୧୦.୨୦୨୪**

ଏତଦ୍ ଦ୍ୱାରା ଇଚ୍ଛୁକ ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୀସ୍ଥିତ ଚାରିଗୋଟି ହବିଷ୍ୟାଳି ଆଶ୍ରୟସ୍ଥଳୀଠାରେ ରହୁଥିବା (୨୮୦୦-୩୦୦୦) ହବିଷ୍ୟାଳିମାନଙ୍କ ନିମନ୍ତେ **"ଏକ ଗୋଟି ସୂତାଶାଢ଼ୀ, ଏକ ଗୋଟି ଉତ୍ତରୀୟ/ଆସାମ ଗାମୁଛା, ଏକ ଗୋଟି ରାଇଦାମୋଦର ବହି, ଏକ ଗୋଟି ଜପମାଳି ସହ ମୁଦ୍ରଣ ମୁଣି ସମସ୍ତ ଏକ ଗୋଟି ଝୋଟ ନିର୍ମିତ ମୁଦ୍ରଣ ବ୍ୟାଗ (Kit Bag)"**ରେ ଯୋଗାଇଦେବାକୁ ଇଚ୍ଛୁକ ଥିବା ବ୍ୟବସାୟୀଙ୍କ ଠାରୁ କୋଟେସନ(Quotation) ଆହ୍ୱାନ କରାଯାଉଅଛି । ଉପରୋକ୍ତ ଜିନିଷ ଗୁଡିକ ଉନ୍ନତ ମାନର ହେବା ସହ Kit Bag ଉପରେ ଓଡିଶା ସରକାର logo ଏବଂ କାର୍ତ୍ତିକ ହବିଶ୍ୟାଳି ବ୍ରତ-୨୦୨୪ ମୁଦ୍ରିତ ଥିବା ଆବଶ୍ୟକ ।

ଇଚ୍ଛୁକ ବ୍ୟକ୍ତି ସାଧା କାଗଜରେ ପ୍ରତ୍ୟେକ ଜିନିଷର (ଏକକ) ଦର (ସମସ୍ତ ଶୁଳ୍କ ସହ) ପୃଥକ ଭାବେ ଉଲ୍ଲେଖ କରି ବନ୍ଦ ଲଫାପା ଯୋଗେ ବ୍ୟକ୍ତିଗତ ଭାବେ କିମ୍ବା ଡାକ/କୋରିଅର ସେବା ଦ୍ୱାରା ଜିଲ୍ଲା ନିଜାରତ କାର୍ଯ୍ୟାଳୟରେ ସ୍ଥାପିତ କୋଟେସନ(Quotation) ବାକ୍ସରେ ତା-**୧୪.୧୦.୨୦୨୪** ରିଖ ଠାରୁ ତା-**୨୮.୧୦.୨୦୨୪** ରିଖ **ପୂର୍ବାହ୍ନ ଘ ୧୧.୩୦ ଟିକା** ସୁଦ୍ଧା ପ୍ରଦାନ କରିବେ । ଦରଖାସ୍ତ ସହିତ BANK DRAFT (ଜିଲ୍ଲା ନିଜାରତ ଅଧିକାରୀ, ପୁରୀ) କିମ୍ବା ନଗଦ ଆକାରରେ **ଟ.୫୦,୦୦୦/- ଙ୍କା** ଅମାନତ ବାବଦକୁ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟରେ ଜମା ଦେଇ କୋଟେସନ (Quotation) ପେପର ସହ ରସିଦ ଦାଖଲ ଦେବେ । ଧାର୍ଯ୍ୟ ସମୟ ସୁଦ୍ଧାମିଳିଥିବା କୋଟେସନଗୁଡିକ ତା- **୨୮.୧୦.୨୦୨୪** ରିଖ **ଅପରାହ୍ନ ଘ ୧୨.୩୦ ଟିକା** ରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ସମ୍ପୃକ୍ତ କୋଟେସନ ଦାତା କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । କୋଟେସନ ଖୋଲାଯିବା ସମୟରେ ଉପରୋକ୍ତ ଜିନିଷର ଏକ ଗୋଟି ଲେଖାଏଁ ନମୁନା (sample) ଆଣିବା ଆବଶ୍ୟକ । ଉକ୍ତ ନମୁନା (sample) ର ମାନ ସନ୍ତୋଷଜନକ ହେଲେ ସେମାନଙ୍କ quotation କୁ ଗ୍ରହଣ କରାଯିବ । ସର୍ବନିମ୍ନ ମୂଲ୍ୟ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ବାଧ ନୁହଁନ୍ତି । ଚୟନ ହୋଇଥିବା ବ୍ୟବସାୟୀ security deposit ବାବଦରେ ଏକ ଲକ୍ଷ ଟଙ୍କା ଅମାନତ ରଖାଯିବ ଏବଂ ଉକ୍ତ ରାଶି ସନ୍ତୋଷଜନକ ଯୋଗାଣ ତଥା ହବିଷ୍ୟାଳି ବ୍ରତ ଶେଷ ପରେ ଫେରସ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ, କର୍ତ୍ତୃପକ୍ଷ ଯେକୌଣସି କିମ୍ବା ସମସ୍ତ କୋଟେସନ ରଦ୍ଦ କରିପାରିବେ । (କୋଟେସନ)quotation ଉପରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ,ପୁରୀ**